# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**28th August - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ବରଗଡ଼-ନୂଆପଡ଼ା ଏବଂ ସବ୍‌ଡେଗା-ଭାଲୁମୁଣ୍ଡା ରେଳପଥ ପ୍ରକଳ୍ପକୁ ଅନୁମୋଦନ କଲେ କେନ୍ଦ୍ର ସରକାର ।

- ଅନ୍‌ଲାଇନ୍ ଜୁଆ ଖେଳରେ କଳାଧନ କାରବାର ଉପରେ ନଜର ରଖିବା ପାଇଁ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଏସ୍.ଆଇ.ଟି. ଉପାଧ୍ୟକ୍ଷଙ୍କ ନିର୍ଦ୍ଦେଶ ।

- ଚାଷୀମାନଙ୍କପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଲାଗୁ କରିବେ ସି.ଏମ୍. କିଷାନ ଯୋଜନା ।

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ଲାଗିରହିବ ବର୍ଷା ।

*Sambalpur/R*

# ନୂଆ ରେଳ ପ୍ରକଳ୍ପ-ପଶ୍ଚିମ ଓଡ଼ିଶା

ପଶ୍ଚିମ ଓଡ଼ିଶାରେ ଦୁଇଟି ରେଳ ପ୍ରକଳ୍ପକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି । ପ୍ରଥମଟି ହେଲା - ବରଗଡ଼-ନୂଆପଡ଼ା ରେଳ ଲାଇନ୍ ଏବଂ ଦ୍ୱିତୀୟ ରେଳ ଲାଇନଟି ସୁନ୍ଦରଗଡ଼ର ସବ୍‌ଡେଗା ଓ ଛତିଶଗଡ଼ର ରାୟଗଡ଼-ଭାଲୁମୁଣ୍ଡା । ବରଗଡ଼-ନୂଆପଡ଼ା ରେଳଲାଇନ୍ ନୃସିଂହନାଥକୁ ସଂଯୋଗ କରିବ । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଭାସୀ ଜରିଆରେ ବିସ୍ତୃତ ଭାବେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ଘୋଷଣା କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଆମ ସମ୍ବଲପୁର ସମ୍ବାଦଦାତା କହିଛନ୍ତି :

***Voice*** :.........

ଆଜିର ଏହି ସାମ୍ବଦିକ ସମ୍ମିଳନୀରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, କଳାହାଣ୍ଡି ସାଂସଦ ମାଳବିକା ଦେବୀ ଏବଂ ସମ୍ବଲପୁର ଅତିରିକ୍ତ ଡି.ଆର୍.ଏମ୍. ଆନନ୍ଦ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

*Cuttack/R*

# ଏସ୍.ଆଇ.ଟି. ବୈଠକ

ଅନ୍‌ଲାଇନ୍ ଜୁଆ ଏବଂ ଗେମ୍‌ରେ ଅଧିକ କଳାଧନ କାରବାର ହେଉଥିବାରୁ ସେଗୁଡ଼ିକ ଉପରେ ନଜର ରଖିବାପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା – ଏସ୍.ଆଇ.ଟି.ର ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ୍ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । କଟକଠାରେ ଏସ୍.ଆଇ.ଟି.ର ଆଜି ଅନୁଷ୍ଠିତ ବୈଠକରେ ଅନ୍‌ଲାଇନ୍ ଜରିଆରେ କଳାଧନ କାରବାର ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହାବ୍ୟତୀତ ବୈଠକରେ ଅନ୍ୟକ୍ଷେତ୍ରରେ ହେଉଥିବା କଳାଧନ କାରବାର ନେଇ ଜଷ୍ଟିସ୍ ପଶାୟତ୍ ଚିନ୍ତା ପ୍ରକଟ କରିବା ସହିତ ଦୁର୍ନୀତିକୁ ରୋକିବାପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା ।

ବୈଠକରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଗୁଇନ୍ଦା ବିଭାଗ, ଆୟକର, ବାଣିଜ୍ୟକର, ପୋଲିସ ଏବଂ ଆର୍ଥିକ ଅପରାଧ ନେଇ ତଦନ୍ତ କରୁଥିବା ବିଭିନ୍ନ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

**_BBSR/R_**

## ସି.ଏମ୍. କିଷାନ ଯୋଜନା

ରାଜ୍ୟରେ ଖୁବ୍‌ଶୀଘ୍ର ସି.ଏମ୍. କିଷାନ ଯୋଜନା ଆରମ୍ଭ କରାଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧାନସଭାରେ କହିଛନ୍ତି । ସଦସ୍ୟ ମାନସ ଦତ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ସି.ଏମ୍. କିଷାନ ଯୋଜନା ଅଧୀନରେ ବର୍ଷକୁ ଦୁଇଟି କିସ୍ତିରେ ଦୁଇ ହଜାର ଲେଖାଏଁ ଚାରି ହଜାର ଟଙ୍କା ପ୍ରଦାନ କରାଯିବ । ସେହିପରି ଭୂମିହୀନ ଚାଷୀଙ୍କୁ ତିନୋଟି କିସ୍ତିରେ ମୋଟ୍ ୧୨ ହଜାର ୫୦୦ ଟଙ୍କା ଦିଆଯିବ । ଶ୍ରୀ ସିଂହଦେଓ ଆହୁରି କହିଛନ୍ତି, ନୂଆ କରି ଏହି ଯୋଜନାରେ ସାମିଲ୍ ହେବା ଲାଗି ସି.ଏମ୍. କିଷାନ୍ ପୋର୍ଟାଲ୍‌ରେ ଆବେଦନ କରାଯାଇପାରିବ । ସୂଚନାଯୋଗ୍ୟ, ଗତ ସରକାର ଅମଳରେ ଆରମ୍ଭ ହୋଇଥିବା କାଳିଆ ଯୋଜନାର ନାମକୁ ପରିବର୍ତ୍ତନ କରାଯାଇ ସି.ଏମ୍. କିଷାନ ଯୋଜନାରେ ନାମିତ କରାଯାଇଛି ।

**_Desk_**

## ବିଧାନସଭା - ଇ-କେଓ୍ବାଇସି

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ରାସନ କାର୍ଡରେ ଇ-କେଓ୍ବାଇସି ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ ପରିପ୍ରେକ୍ଷୀରେ ଖାଦ୍ୟ

ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ବିଧାନସଭାରେ ଏହି ସମ୍ବନ୍ଧରେ ସୂଚନା ଦେଇଛନ୍ତି। ଖାଦ୍ୟ ଯୋଗାଣ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ଇ-କେଓ୍ୱାଇସି ପ୍ରକ୍ରିୟା ଆରମ୍ଭ କରାଯାଇଛି। ତେବେ ଏହାକୁ ଅଦ୍ୟାବଧି କଡ଼ାକଡ଼ି ଭାବେ ଲାଗୁ କରାଯାଇ ନାହିଁ। ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ଏକ ମାସର ସମୟସୀମା ଭିତରେ ଇ-କେଓ୍ୱାଇସି ପୂରଣ ନ ହେଲେ ମଧ୍ୟ ରାସନ କାର୍ଡ ମାଧ୍ୟମରେ ପୂର୍ବଭଳି ଖାଦ୍ୟ ଯୋଗାଣ ବ୍ୟବସ୍ଥା ଜାରି ରହିବ ।

***Desk***

# ବିଧାନସଭା - ସବ୍‌ସିଡି

ସବ୍‌ସିଡି ଜରିଆରେ ରାଜ୍ୟରେ ଚାଷୀମାନଙ୍କୁ ଚାଷପାଇଁ ୪୩ ପ୍ରକାରର ଯନ୍ତ୍ରପାତି ଯୋଗାଇ ଦିଆଯାଉଛି। ବିଧାନସଭାରେ ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେଇ କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ଏହି ଯନ୍ତ୍ରପାତି ମଧ୍ୟରେ ୧୪ ପ୍ରକାରର ହସ୍ତଚାଳିତ ଏବଂ ବଳଦଙ୍କୁ ଉପଯୋଗ କରି ବ୍ୟବହାର କରାଯାଉଥିବା ଯନ୍ତ୍ରପାତି ରହିଛି।

*Desk*

# ପି.ଏମ୍. ଜନଧନ ଯୋଜନା

ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଆଜି ୧୦ ବର୍ଷ ପୂରଣ କରିଛି। ୨୦୧୪ ଅଗଷ୍ଟ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଶୁଭାରମ୍ଭ କରିଥିଲେ। ଆର୍ଥିକ ଦୁର୍ବଳଶ୍ରେଣୀର ଲୋକଙ୍କୁ ଅର୍ଥନୈତିକ ମୁଖ୍ୟସ୍ରୋତରେ ସାମିଲ କରିବା ତଥା ଅବହେଳିତ ସମ୍ପ୍ରଦାୟର ବିକାଶ ଲକ୍ଷ୍ୟରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିଲା। ଏହି ଯୋଜନାରେ ୫୩ କୋଟିରୁ ଊର୍ଦ୍ଧ୍ୱ ଲୋକ ସାମିଲ ହେବା ଏହାର ସଫଳତାକୁ ପ୍ରତିପାଦିତ କରୁଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଗ୍ରାମାଞ୍ଚଳର ୬୭ ପ୍ରତିଶତ ବ୍ୟାଙ୍କଖାତା ଏହି ଯୋଜନା ଅଧୀନରେ ଖୋଲାଯାଇଛି। ସେଥିମଧ୍ୟରୁ ୫୫ ପ୍ରତିଶତ ଆକାଉଣ୍ଟ ମହିଳାଙ୍କର ଥିବା ଜଣାପଡ଼ିଛି।

*Kendrapara/R*

# ସାହସିକତା ପୁରସ୍କାର

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ନିମପୁର ଗ୍ରାମର ମା' ଜୟନ୍ତୀ ମଲ୍ଲିକ୍ ଓ ତାଙ୍କ ପୁତ୍ର ରୁଦ୍ରପ୍ରସାଦ ମଲ୍ଲିକ ରାଜ୍ୟ ସରକାରଙ୍କ ବିଜୁ

ପଟ୍ଟନାୟକ ସାହସିକତା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

ଆସନ୍ତାକାଲି ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଜଣଙ୍କୁ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି । ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲ୍ଲାରେ ଗତ ମାର୍ଚ୍ଚ ୨ ତାରିଖରେ ବ୍ରାହ୍ମଣୀ ନଦୀରେ ଭାସିଯାଉଥିବାବେଳେ ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବାରେ ଦୁହେଁ ସକ୍ଷମ ହୋଇଥିବାରୁ ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ।

***Boudh/R***

# କୌଶଳ ରଥ

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ସବୁଜ ପତାକା ଦେଖାଇ ଆଜି କୌଶଳ ରଥର ଶୁଭାରମ୍ଭ କରିଛନ୍ତି । ବୌଦ୍ଧ ଆଇ.ଟି.ଆଇ., ବାମଣ୍ଡାସ୍ଥିତ ମଡେଲ୍ ଡିଗ୍ରୀ କଲେଜ, ହରେକୃଷ୍ଣପୁର ହାଇସ୍କୁଲ୍ ଓ ବୌଦ୍ଧ ପଞ୍ଚାୟତ କଲେଜଠାରେ କୌଶଳ ରଥ ପହଞ୍ଚି ଦକ୍ଷତା ବିକାଶ, ଡିଜିଟାଲ୍ ଶିକ୍ଷା ନେଇ ଛାତ୍ରଛାତ୍ରୀମାନଙ୍କୁ ତାଲିମ୍ ପ୍ରଦାନ କରିଛି ।

ଅତ୍ୟାଧୁନିକ ଜ୍ଞାନକୌଶଳରେ ସଂଯୁକ୍ତ ଏହି ରଥ ଆଜିଠାରୁ ଚାରିଦିନ ବ୍ୟାପୀ ଜିଲ୍ଲା ପରିକ୍ରମା କରିବ ।

***Nayagarh/R***

# ଜିଲ୍ଲାପାଳ - ବିଦ୍ୟାଳୟ

ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍ ଆଜି ଓଡ଼ଗାଁ ବ୍ଲକ୍ ଗସ୍ତ କରି ସୋଲପଟା ସରକାରୀ ଉଚ୍ଚ ବିଦ୍ୟାଳୟ ଯାଇ ଛାତ୍ରଛାତ୍ରୀମାନଙ୍କ ସହିତ ପାଠପଢ଼ା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଅନୁଧ୍ୟାନ କରିଥିଲେ । ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍ ଛାତ୍ରଛାତ୍ରୀମାନଙ୍କ ସହ କଥାବାର୍ତ୍ତା ହୋଇ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ପିଲାମାନଙ୍କର ଉତ୍ତରରେ ଜିଲ୍ଲାପାଳ ସନ୍ତୋଷ ବ୍ୟକ୍ତ କରିବା ସହ ମଧ୍ୟାହ୍ନ ଭୋଜନର ତଦାରଖ ମଧ୍ୟ କରିଥିଲେ ।

***Ganjam/R***

# ଯୁବ ରେଡ୍‌କ୍ରସ୍ - ଶପଥପାଠ

ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ମାଣିତରା ମାଧ୍ୟମିକ ବିଦ୍ୟାଳୟରେ ନବାଗତ ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ୍ ଦିଆଯାଇଛି । ସ୍ୱେଚ୍ଛାସେବୀମାନଙ୍କୁ ରେଡ୍‌କ୍ରସ୍‌ର ଶପଥପାଠ କରାଇବା ସହିତ ରେଡ୍‌କ୍ରସ୍‌ର

ଆଦର୍ଶ, ଇତିହାସ ଓ ମୌଳିକ ନୀତି ବିଷୟରେ ପ୍ରଶିକ୍ଷକ ଅନୁପ କୁମାର ପଣ୍ଡା ବୁଝାଇଥିଲେ । ସ୍ୱେଚ୍ଛାସେବୀମାନେ ସେବା ମାଧ୍ୟମରେ ସମାଜର ମଙ୍ଗଳ ପାଇଁ ଜନସେବାରେ ନିୟୋଜିତ ହେବାକୁ ପରାମର୍ଶ ଦିଆଯାଇଥିଲା ।

***Boudh/R***

# ଶିଶୁ ମୃତ୍ୟୁହାର

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ମହିଳା ଓ ଶିଶୁବିଭାଗ ଏବଂ ଶିକ୍ଷା ବିଭାଗର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁହାରର ସମୀକ୍ଷା କରିବା ସହିତ ଟିକାକରଣକୁ ତ୍ୱରାନ୍ୱିତ କରିବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Khurda/R***

# ପେନ୍‌ସନ୍ ଅଦାଲତ

ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାସ୍ତରୀୟ ପେନ୍‌ସନ୍ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ମୋଟ୍ ୧୦୧ଟି ପେନ୍‌ସନ୍ ମାମଲା ମଧ୍ୟରୁ ୪୬ଟି

ମାମଲାର ସମୀକ୍ଷା କରାଯାଇଥିଲା । ଅନ୍ୟ ୫୫ଟି ପେନ୍‌ସନ୍ ମାମଲା ବିଭିନ୍ନ କାରଣରୁ ନିୟମିତ ବିଚାରାଧୀନ ଥିବାରୁ ଆଜିର ଅଦାଲତରେ ଗ୍ରହଣଯୋଗ୍ୟ ହୋଇ ନ ଥିଲା । କାର୍ଯ୍ୟରୁ ଅବସର ନେଉଥିବା କର୍ମଚାରୀମାନେ ପେନ୍‌ସନ୍ ଯେପରି ସୁରୁଖୁରୁରେ ପାଇପାରିବେ, ସେନେଇ ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ନିର୍ଦ୍ଦେଶ ଦେଇଛନ୍ତି ।

***Nayagarh/R***

# ଅଦାଲତ ଫଇସଲା - ଓଡ଼ିଆ ଭାଷା

ନୟାଗଡ଼ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଅନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅଦାଲତର ଫଇସଲାଗୁଡ଼ିକୁ ଇଂରାଜୀ ଭାଷାରୁ ପ୍ରାଦେଶିକ ଭାଷାରେ ଅନୁବାଦ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପରିବାର ଅଦାଲତ ବିଚାରପତି ସୁବ୍ରତ କୁମାର ପଟ୍ଟନାୟକ କୋର୍ଟ ଫଇସଲାଗୁଡ଼ିକର ଓଡ଼ିଆ ଭାଷାରେ ଅନୁବାଦ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଅଦାଲତ କାର୍ଯ୍ୟ ଏବଂ ସମସ୍ୟାଗୁଡ଼ିକର ସମାଧାନ ସମ୍ପର୍କିତ ଆଇନ ଉପରେ ଆଲୋଚନା କରିଥିଲେ ।

*Gajapati/R*

# ଲକ୍ଷପତି ଦିଦି

ଗଜପତି ଜିଲ୍ଲା କାଶୀନଗର ବ୍ଲକ୍ କାର୍ଯ୍ୟାଳୟରେ ଲକ୍ଷପତି ଦିଦିମାନଙ୍କର ଚେକ୍ ଏବଂ ସାର୍ଟିଫିକେଟ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାଶୀନଗର ବି.ଡି.ଓ. ଡମ୍ବରୁଧର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଲକ୍ଷପତି ଦିଦିମାନେ କିଭଳି ସଶକ୍ତ ଏବଂ ସ୍ୱାବଲମ୍ବୀ ହୋଇପାରିବେ, ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା ।

*Gajapati/R*

# ପ୍ରାଣୀ ଗଣନା

ଗଜପତି ଜିଲ୍ଲାରେ ୨୧ତମ ପ୍ରାଣୀସମ୍ପଦ ଡିଜିଟାଲ୍ ଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାରଳାଖେମୁଣ୍ଡିଠାରେ ଆଜି ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡାକ୍ତର ତୁଷାର ରଞ୍ଜନ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପ୍ରାଣୀ ଗଣନା କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବିଜୟ କୁମାର ଦାସ ଯୋଗଦେଇ ସଠିକ୍ ତଥା ନିର୍ଭୁଲ ଭାବେ ପଶୁପକ୍ଷୀ ଗଣନା କାର୍ଯ୍ୟ କରିବା ସହିତ ଗଣନାକାରୀମାନଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରିବାପାଇଁ ସହଯୋଗ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

*Desk*

# ପାଣିପାଗ

ଓଡ଼ିଶା ସମେତ ଦେଶର ୨୨ଟି ରାଜ୍ୟରେ ଆଜି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । କେନ୍ଦ୍ରୀୟ ଓ ଉତ୍ତର ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ଆସନ୍ତାକାଲି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଭୀଷଣ ବର୍ଷା ନେଇ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟ ମଧ୍ୟରେ କୋହଲା ପବନ ସହ ବଜ୍ରପାତର ସମ୍ଭାବନା ନେଇ ୮ଟି ଜିଲ୍ଲାକୁ ମଧ୍ୟ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।

*****